**ବାଲି ଚାଲାଣ ଘଟଣା, ଅଭିଯୁକ୍ତ ଜେଲ ଗଲେ**

**ଦିଗପହଣ୍ଡି, (ଅଶେଷ ନାଥ ମିଶ୍ର):** ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ଅନ୍ତର୍ଗତ ପତ୍ରପୁଟି ଗ୍ରାମ ନିକଟ ବାହୁଦା ନଦୀରୁ ବେଆଇନ ବାଲି ଚାଲାଣ କରୁଥିବା ଜଣେ ଟ୍ରାକ୍ଟର ଚାଳକଙ୍କୁ ଗିରଫ କରାଯାଇଛି। ସେ ହେଲେ ଦିଗପହଣ୍ଡି ଥାନା ବଡଡୁମୁଲା ଗ୍ରାମର ବଳରାମ ସେଠୀ। ବାଲି ନେଇ ଆସୁଥିବା ବେଳେ ସୁନ୍ଦରଡା ଗ୍ରାମ ନିକଟରେ ପୋଲିସ ତାଙ୍କୁ ଧରିଥିଲା। ବାଲି ଚାଲାଣ ନେଇ ବଳରାମଙ୍କ ନିକଟରେ କୌଣସି ଅନୁମତି ନ ଥିବାରୁ ଟ୍ରାକ୍ଟରଟିକୁ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର ବଳରାମଙ୍କୁ କୋର୍ଟ ଚାଲାଣ ପରେ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଦିନରେ କଲବଲ, ରାତିରେ ଆଶ୍ୱସ୍ତି


ନୂଆ ବସ ଷ୍ଟାଣ୍ଡରେ ଅଟକି ରହିଥିବା ଘରୋଇ ବସ୍।


ବସ୍ ଷ୍ଟାଣ୍ଡ ବାହାରେ ଅପେକ୍ଷା କରିଥିବା ଯାତ୍ରୀ।

**ବ୍ରହ୍ମପୁର,୨୦।୧୦(ସ୍ମୃତି ରଞ୍ଜନ ମହାଲିକ)**

ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ମୁଖ୍ୟାଳୟକୁ ବସ ଚଳାଚଳକୁ ବିରୋଧ କରି ଘରୋଇ ବସ ମାଲିକ ସଂଘ ପକ୍ଷରୁ ଶୁକ୍ରବାର ବସ୍ ଧର୍ମଘଟ ହୋଇଥିଲା। ତେବେ ରାତିରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଧର୍ମଘଟ ସ୍ଥଗିତ ରଖାଯିବାରୁ ଦିନସାରା କଲବଲ ହୋଇଥିବା ଯାତ୍ରୀମାନେ ଆଶ୍ୱସ୍ତି ଲାଭ କରିଛନ୍ତି। ପ୍ରକାଶ ଯେ, ରାଜ୍ୟ ସଂଘର ବସ୍ ଧର୍ମଘଟ ନିଷ୍ପତ୍ତିକୁ ସମର୍ଥନ ଜଣାଇ ବ୍ରହ୍ମପୁର ଘରୋଇ ବସ ମାଲିକ ସଂଘ ନୂଆ ବସଷ୍ଟାଣ୍ଡରେ ସମସ୍ତ ରୁଟରେ ଯାଉଥିବା ବସ ସେବା ବନ୍ଦ କରିଥିଲା। ଦଶହରା ଲାଗି ଶୁକ୍ରବାରଠାରୁ ସ୍କୁଲ, କଲେଜ ଓ କେତେକ ସରକାରୀ ଓ ବେସରକାରୀ ସଂସ୍ଥା ଛୁଟି ହୋଇଥିବାରୁ ଛାତ୍ରୀଛାତ୍ର ଓ ଅନ୍ୟମାନେ ନିଜ ନିଜ ଘରକୁ ଯିବା

### ବସ୍ ମାଲିକଙ୍କ ଧର୍ମଘଟ ଯୋଗୁ ବଢ଼ିଗଲା ଅଟୋ ଭଡ଼ା

ପାଇଁ ବସଷ୍ଟାଣ୍ଡକୁ ଆସିଥିଲେ। ସେହିପରି ବାହାରୁ ଆସୁଥିବା ଲୋକେ ବସଷ୍ଟାଣ୍ଡରେ ଭୋରରୁ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା। ବ୍ରହ୍ମପୁରରେ ୪୫୦ ଘରୋଇ ବସ ରହିଥିବା ବେଳେ ଧର୍ମଘଟ କାରଣରୁ ସମସ୍ତ ବସ ଚଳାଚଳ ବନ୍ଦ ରହିଥିଲା। ଫଳରେ ବ୍ରହ୍ମପୁରରୁ ଜିଲାର ବିଭିନ୍ନ ସ୍ଥାନ ଓ ଅନ୍ୟ ଜିଲାଗୁଡ଼ିକୁ ଯିବାକୁ ଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବସ ନ ଥିବାରୁ ଯାତ୍ରୀମାନେ ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଅଟୋ ରିକ୍ସାରେ ଯାଇଥିଲେ। ଏହାର ସୁଯୋଗ ନେଇ ଅଟୋ ରିକ୍ସା ଭଡା ମଧ୍ୟ ଅହେତୁକ ଭାବେ ବଢ଼ିଯାଇଥିଲା। ଭଞ୍ଜନଗର, ପୋଲସରା, ବୁଗୁଡା, ହିଞ୍ଜିଳିକାଟୁ ଓ ଆସିକା ଯିବା ପାଇଁ ଯାତ୍ରୀଙ୍କୁ ୬୦୦ରୁ ଅଧିକ ଟଙ୍କା ଅଟୋ ଭଡା ଦେବାକୁ ପଡ଼ିଥିଲା। ତେବେ ଧର୍ମଘଟ ଆସନ୍ତା ୩୧ଯାଏ ସ୍ଥଗିତ ରହିବାରୁ ରାତିରେ ବସ୍ ଚଳାଚଳ କରିଛି ବୋଲି ବ୍ରହ୍ମପୁର ଘରୋଇ ବସ ମାଲିକ ସଂଘ ସଭାପତି ଅକ୍ଷୟ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com


@ ସୁଜିତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ମିଳିତ ପ୍ରତିବାଦ। ସ୍ଥାନ–ପୁରୁଣା ବସ ଷ୍ଟାଣ୍ଡ। ସମୟ–ପୂର୍ବାହ୍ନ ୧୧ଟା।
- ପୋଲିସ ଶହୀଦ ଦିବସ। ସ୍ଥାନ–ଆମ୍ବପୁଆ। ସମୟ–ସକାଳ ୮ଟା।

## ଫେରାର ଅଭିଯୁକ୍ତ ଗିରଫ

**ଆସିକା,୨୦।୧୦ (ସୁରେନ୍ଦ୍ର ନାଥ ସାହୁ)**

କୋରାପୁଟ, ଜୟପୁର ଆଦି ସ୍ଥାନରେ ଏକାଧିକ ଫୌଜଦାରୀ ମାମଲାରେ ସଂପୃକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବା ଜଣେ ଅଭିଯୁକ୍ତଙ୍କୁ ଆସିକା ପୋଲିସ ଗିରଫ କରିଛି। ସେ ହେଲେ ଡୁମ୍ବାଠେଙ୍ଗା ପଲ୍ଲୀ ଗ୍ରାମ ନିକଟରେ ରହୁଥିବା ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଦାସ ରବି । ତାଙ୍କୁ ଆସିକା ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇଥିବା ଥାନା ଅଧିକାରୀ ସ୍ୱରୂପ କିସନ କହିଛନ୍ତି। ଅଭିଯୁକ୍ତଙ୍କ ବିରୁଦ୍ଧରେ ୫ଟି ମାମଲା ରହିଛି।

# ଗଞ୍ଜାମ ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

**ବ୍ରହ୍ମପୁର,୨୦।୧୦(ନରସିଂହ ସାହୁ)**

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ବ୍ରହ୍ମପୁର କମାପଲ୍ଲୀ ଛକରେ ବିକ୍ଷୋଭ ସହ ପ୍ରତିବାଦ ସଭା ହୋଇଥିଲା। କେନ୍ଦ୍ର ସରକାରଙ୍କ ମେଧାବୃତ୍ତି ଏବଂ ପିଏମ ସ୍କଲାରଶିପ ଅନୁଦାନ ରାଜ୍ୟ ସରକାର ବିଭିନ୍ନ ଭାବରେ ହରିଲୁଟ କରିଥିବା ସଦ୍ୟ ପ୍ରକାଶିତ ସିଏଜି ରିପୋର୍ଟରେ ପ୍ରକାଶିତ ହୋଇଥିବାରୁ ଏହାର ନିରପେକ୍ଷ ତଦନ୍ତ ଦାବି କରାଯାଇଥିଲା। ଜିଲା ଯୁବ ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଶତାଧିକ ଯୁବମୋର୍ଚ୍ଚା କର୍ମୀ ସାମିଲ ଥିଲେ।

ପ୍ରତିବାଦ ସମାବେଶରେ ଯୁବମୋର୍ଚ୍ଚା କରିଥିବା ଅଭିଯୋଗ ଅନୁଯାୟୀ ଆଦିବାସୀ, ମୂକ ଓ ବଧିର ଏବଂ ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କ ମେଧାବୃତ୍ତି କେନ୍ଦ୍ରୀୟ ଅନୁଦାନ



ଭାଜପା ଯୁବମୋର୍ଚ୍ଚାର ନେତା ଓ କର୍ମୀମାନେ।

### କେନ୍ଦ୍ରୀୟ ମେଧାବୃତ୍ତି ଅନୁଦାନ ହଡ଼ପର ପ୍ରତିବାଦ

ବାବଦ ୫୮ କୋଟି ଟଙ୍କା ହେରଫେର ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରାଯାଇଛି।

ଆନ୍ଦୋଳନରେ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଟୁଟୁନ ପାତ୍ର, କ୍ୟାମ୍ପସ ସଂଯୋଜକ ଆକାଶ ସାହୁ, ଜିଲା ଯୁବମୋର୍ଚ୍ଚା ଉପସଭାପତି ବାପି ପ୍ରଧାନ, କେ. ଚନ୍ଦ୍ରଶେଖର ଦାସ, ସାଧାରଣ ସମ୍ପାଦକ ବି. ସୋମନାଥ ପାତ୍ର ଓ ଅନ୍ୟମାନେ ସାମିଲ ହୋଇଥିଲେ। ଭାଜପା ଜିଲା ଉପସଭାପତି ସୁନୀଲ ସାହୁ, ରାମ କୁମାର ପାତ୍ର, ସୁବାସ ସାହୁ, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ପରେଶ ରଥ, ସମ୍ପାଦିକା ସୁଶିଳା ମଲିକଙ୍କ ସମେତ କୃଷ୍ଣଚନ୍ଦ୍ର ଚୌଧୁରୀ, ଟୁଙ୍ଗୁରୁ ପାତ୍ର, ଧର୍ମରାଜ ପାଣିଗ୍ରାହି, ମହିଳା ମୋର୍ଚ୍ଚା ନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ଅନୁଜାନନ୍ଦ ବିଶ୍ୱାଳ, ପ୍ରେମଶିଳା ନନ୍ଦ, ନିବେଦିତା ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ବିଏମସି ଭାଜପା କର୍ପୋରେଟରମାନେ ଉପସ୍ଥିତ ଥିଲେ।

## ଟିପିଏସ୍‌ଓଡିଏଲ୍‌ର ୱାକାଥନ

**ବ୍ରହ୍ମପୁର,୨୦।୧୦(ସ୍ମୃତି ରଞ୍ଜନ ମହାଲିକ)**

ଟିପିଏସ୍‌ଓଡିଏଲ୍ ପକ୍ଷରୁ ପରିବେଶ ଅନୁକୂଳ ଜୀବନଶୈଳୀର ବାର୍ତ୍ତା ଦେବା ପାଇଁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ୱାକାଥନ ଆୟୋଜିତ ହୋଇଛି। ବ୍ରହ୍ମପୁରଠାରେ ଶୁକ୍ରବାର କମ୍ପାନୀ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କୁ ପରିବେଶ ଅନୁକୂଳ ଜୀବନଶୈଳୀର ମହତ୍ତ୍ୱ ଓ ଆବଶ୍ୟକତା ସମ୍ପର୍କରେ ସଚେତନ କରାଇବା ପାଇଁ ୱାକାଥନ ଅନୁଷ୍ଠିତ ହୋଇଥିଲା। ଟିପିଏସଓଡିଏଲର ୬ଟି ସର୍କଲରେ ୪୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଚେତନତା ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ଧରି ୱାକଥନରେ ଭାଗ ନେଇଥିଲେ। ଶକ୍ତି ସଂରକ୍ଷଣ ଓ ସବୁଜ ଶକ୍ତିର ଉତ୍ସକୁ ବ୍ୟବହାର କରିବା ଦିଗରେ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପରିବେଶ ଅନୁକୂଳ ଉତ୍ପାଦର ବ୍ୟବହାର କରିବା ପାଇଁ ଟିପିଏସ୍‌ଓଡିଏଲ୍ ନିଜ କର୍ମଚାରୀ, ଉପଭୋକ୍ତା ଓ ଅଂଶୀଦାରମାନଙ୍କୁ ସର୍ବଦା ପ୍ରୋତ୍ସାହିତ କରେ। ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି, ସଷ୍ଟେନେବିଲିଟି (ପରିବେଶ ଅନୁକୂଳ ଜୀବନଶୈଳୀ) ଏକ ବିକଳ୍ପ ନୁହେଁ, ଏହା ଏକ ଦାୟିତ୍ୱ। ୱାକାଥନ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ପରିବେଶ ଅନୁକୂଳ ଜୀବନଶୈଳୀ ପାଇଁ ବାର୍ତ୍ତା ଦେଉଛୁ ବୋଲି ସେ କହିଛନ୍ତି।



ୱାକାଥନରେ ଟିପିଏସଓଡିଏଲର ସ୍ୱେଚ୍ଛାସେବୀମାନେ।

## ଦୁଇପୁଅଙ୍କ ସମେତ ମା' ଗିରଫ


ଗିରଫ ମା' ଓ ଦୁଇ ପୁଅ।

**ବ୍ରହ୍ମପୁର,୨୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

ଏକ ଘର ଭଡ଼ାରେ ନେଇ ନିଶା କାରବାର କରାଯାଉଥିବା ଖବରପାଇ ବ୍ରହ୍ମପୁର ବଡବଜାର ଥାନାର ଏକ ଟିମ୍ ଗ୍ରାହକ ବେଶରେ ଶୁକ୍ରବାର ରଘୁପତି ନଗର ଦ୍ୱିତୀୟ ସାରଣୀରେ ଚଢାଉ କରିଥିଲା। ଭଡ଼ାଘରେ ବ୍ରାଉନ ସୁଗାର ବିକ୍ରି କରୁଥିବା ଜଣେ ମହିଳା ଓ ତାଙ୍କ ଦୁଇ ପୁଅଙ୍କ ନିକଟରେ ପହଞ୍ଚି ସେମାନଙ୍କୁ କାବୁ କରିଥିଲା। ଉକ୍ତ ଘରୁ ୮. ୪୮୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲା। ଏଥିସହ ସେ ବ୍ରାଉନ ସୁଗାର ବିକ୍ରି କରି ନିଜ ପାଖରେ ରଖିଥିବା ୮ ହଜାର ୯ ଶହ ଟଙ୍କା ଓ ୩ଟି ମୋବାଇଲ ଫୋନ୍ ମଧ୍ୟ ଜବତ କରିଛି। ଅଭିଯୁକ୍ତମାନେ ହେଲେ

### ୮.୪୮୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

ପୂଜା ପ୍ରଧାନ ଓ ତାଙ୍କର ଦୁଇ ପୁଅ ଆକାଶ (୨୨), ବିକାଶ (୧୯)। ଦୁଇ ଭାଇ ଅନ୍ୟ ଜିଲାରୁ ବ୍ରାଉନ ସୁଗାର ବେଆଇନ ଭାବେ ଆଣୁଥିବା ବେଳେ ତାଙ୍କ ମା ପୂଜା ଘରେ ଏହି ନିଶା ବେପାର କରୁଥିବା ଅନୁମାନ କରାଯାଉଛି। ପୋଲିସ ଏବେ ଖୋଳତାଡ କରୁଛି। ବ୍ରାଉନ ସୁଗାର ଭଳି ନିଶା କାରବାରରେ ଏବେ ମହିଳାଙ୍କୁ ସାମିଲ କରାଯାଉଛି ବୋଲି ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି।

# ସାଇବିହାରରେ ମା' କାଳୁଆଙ୍କ ସପ୍ତମୀ ପୂଜା

**ବ୍ରହ୍ମପୁର,୨୦।୧୦(ତନୁଶ୍ରୀ ନାହାକ)**

ବ୍ରହ୍ମପୁର ସହର ଉପକଣ୍ଠ ନିମଖଣ୍ଡି ସାଇବିହାରରେ ଅଞ୍ଚଳବାସୀଙ୍କ ଉଦ୍ୟମରେ ବହୁ ପୁରାତନ ମା' କାଳୁଆଙ୍କ ମନ୍ଦିରର ପୁନରୁଦ୍ଧାର ହୋଇଥିଲା। ଏଠାରେ ୩ବର୍ଷ ହେଲା ଦଶହରା ପାଳନ କରାଯାଉଛି। ସାଇବିହାର ୱେଲଫେୟାର କମିଟି ପକ୍ଷରୁ ମା' କାଳୁଆଙ୍କ ପୂଜା ନିମନ୍ତେ ଉତ୍ସାହ ଦେଖିବାକୁ ମିଳିଛି। ଶୁକ୍ରବାର ମହାସପ୍ତମୀରୁ ଏଠାରେ ପୂଜା ଆରମ୍ଭ ହୋଇଛି। ପଣ୍ଡିତଙ୍କ ଦ୍ୱାରା ବିଲ୍ୱବରଣ, ଜଳଯାତ୍ରା, ମହାଦୀପ ସ୍ଥାପନ, କର୍ମଆରମ୍ଭ, ବ୍ରହ୍ମ ବରଣ, ଅଗ୍ନି ସଂସ୍କାର, ଷୋଡ଼ଶ ଉପଚାର ପୂଜା, ଦେବୀ ମହାସ୍ନାନ, ଚଣ୍ଡୀପାଠ, ସହସ୍ରାର୍ଚ୍ଚନ,



ସ୍ତୁତିସ୍ତୋତ୍ର ପାଠ, ଘୃତଯଜ୍ଞ, ୧୦୮ ଆଳତୀ କରାଯାଉଛି। ମହାଷ୍ଟମୀରେ କୁଙ୍କୁମ ପୂଜା, ଷୋଡ଼ଶ ଉପଚାର, ସନ୍ଧିପୂଜା, ଚଣ୍ଡୀପାଠ, ମହାଦୀପ ଦାନ, ୧୦୮ ଆଳତୀ ଅନୁଷ୍ଠିତ ହେବ। ମହାନବମୀରେ ମହାଯଜ୍ଞ ପୂର୍ଣ୍ଣାହୁତି, ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ସୋମବାର ମା'ଙ୍କ ପୀଠରେ ବିଶ୍ରାମ ହେବ। ବିଜୟା ଦଶମୀରେ ମହାଆଳତୀ ହେବ ବୋଲି ପୂଜକଙ୍କ ଶରତ ଚନ୍ଦ୍ର ଗନ୍ତାୟତ କହିଛନ୍ତି। ମୁଖ୍ୟ ପୂଜକଙ୍କୁ ପଣ୍ଡିତ ଜିତେନ୍ଦ୍ର କୁମାର ଶତପଥୀ, ଜ୍ୟୋତି ପ୍ରକାଶ ରଥ ସହଯୋଗ କରୁଛନ୍ତି। ସାଇବିହାର ୱେଲଫେୟାର କମିଟିର ସଭାପତି ପି.ହେମନ୍ତ କୁମାର, ସମ୍ପାଦକ ସମୀର କୁମାର ରଥ, କୋଷାଧ୍ୟକ୍ଷ ନଟବର ସାହୁ, ଉପସଭାପତି ଉପେନ୍ଦ୍ର କୁମାର କର, ସହ ସମ୍ପାଦକ ସୁଧାଂଶୁ ଶେଖର ପାଣିଗ୍ରାହୀଙ୍କ ସମେତ କମିଟିର ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ସହଯୋଗ କରୁଛନ୍ତି।

## ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

**ବ୍ରହ୍ମପୁର,୨୦।୧୦(ତନୁଶ୍ରୀ ନାହାକ)**

ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରେ ଚାଲିଥିବା ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ ବାଳକ ଓ ବାଳିକା କବାଡ଼ି ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଛି। ଜିଲା ସ୍କୁଲ କ୍ରୀଡ଼ା ନିରୀକ୍ଷକ ଭାଗୀରଥ ସ୍ୱାଇଁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଏମ୍‌ସି କମିଶନର ଜେ. ସୋନାଲ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଡେ଼ପୁଟି ମେୟର ଇ. ବିବେକ ରେଡ୍ଡୀ, ଜିଲା କ୍ରୀଡ଼ା ସମ୍ପାଦକ ଅଶୋକ ସାହୁ , ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଦଯାପନୀ ଦିବସରେ ୧୪ବର୍ଷରୁ କମ ବାଳକ ବର୍ଗରେ ଚମ୍ପିୟନ ହୋଇଥିବା ଗଜପତି ଟିମ୍ ଓ ବାଳିକା ବର୍ଗରେ ଚାମ୍ପିୟନ ହୋଇଥିବା ସୁନ୍ଦରଗଡ଼ ଟିମ୍‌କୁ ପୁରସ୍କୃତ କରାଯାଇଥିଲା।

## ତତ୍କାଳୀନ ଅବକାରୀ ଅଧୀକ୍ଷକ, କନଷ୍ଟେବଲ୍ ନିର୍ଦ୍ଦୋଷ

**ବ୍ରହ୍ମପୁର,୨୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

### ଲାଞ୍ଚ ଗ୍ରହଣ ମାମଲା

ଏକ ଲାଞ୍ଚ ଗ୍ରହଣ ମାମଲାର ୧୦ବର୍ଷ ପରେ ରାୟ ପ୍ରକାଶ ପାଇଛି। ଶୁକ୍ରବାର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଉପଯୁକ୍ତ ପ୍ରମାଣ ଅଭାବରୁ ତତ୍କାଳୀନ ଛତ୍ରପୁର ଅବକାରୀ ଅଧୀକ୍ଷକ ବୀରେନ୍ଦ୍ର ନାଥ ଧଳ ଓ କନଷ୍ଟେବଲ ଅଭିରାମ ପଟ୍ଟନାୟକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଛତ୍ରପୁର ରିଜ୍ଜାପଲିରେ ବି. ବର୍ଦ୍ଧାରାଜୁ ରେଡ୍ଡୀଙ୍କ ଏକ ମଦ ଦୋକାନ ଥିଲା। ଉକ୍ତ ଦୋକାନର ଲାଇସେନ୍ସ ନବୀକରଣ ପାଇଁ ସେ ଛତ୍ରପୁର ଅବକାରୀ ଅଧୀକ୍ଷକଙ୍କ ନିକଟରେ ଆବେଦନ କରିଥିଲେ। ଏଥିପାଇଁ ଅଧିକ୍ଷକ ୧୫ ହଜାର ଟଙ୍କା ଲାଞ୍ଚ ମାଗିବାରୁ ଆବେଦନକାରୀ ବ୍ରହ୍ମପୁର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୦୧୩ ଜୁନ ୨ତାରିଖରେ ଆବେଦନକାରୀ ବର୍ଦ୍ଧାରାଜୁ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ସେ ୧୫ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଅଧୀକ୍ଷକ ଉକ୍ତ ଟଙ୍କା କନଷ୍ଟେବଲ ଅଭିରାମଙ୍କୁ ଦେବାକୁ କହିଥିଲେ। ଏହି ସମୟରେ ପୂର୍ବରୁ ଛକି ବସିଥିବା ଭିଜିଲାନ୍ସ ଟିମ ଚଢାଉ କରି ଲାଞ୍ଚ ଟଙ୍କା ସହ କାଗଜପତ୍ର ଜବତ କରିଥିଲେ। ମାମଲା ନମ୍ବର ୧୪/୧୩ରେ ଅବକାରୀ ଅଧୀକ୍ଷକ ଓ କନଷ୍ଟେବଲଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। କିଛିଦିନ ଜେଲରେ ରହିବା ପରେ ସେମାନଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରସାଦ କୁମାର ପଟ୍ଟନାୟକ, ନୃସିଂହ ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ଅଭିଯୁକ୍ତାଙ୍କୁ ୧୦ ବର୍ଷ ଜେଲ

**ବ୍ରହ୍ମପୁର,୨୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

### ସଉତୁଣୀଙ୍କୁ କିରୋସିନ ଢାଳି ହତ୍ୟା ମାମଲା

ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ –୩ ରାଜ କୁମାର ଦାଶ ଏକ ହତ୍ୟା ମାମଲାର ଚୂଡାନ୍ତ ରାୟ ଶୁକ୍ରବାର ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ସେ ସଂଯୁକ୍ତା ବେହେରା ନାମ୍ନୀ ମହିଳାଙ୍କୁ ହତ୍ୟା କରିଥିବା ତାଙ୍କ ସଉତୁଣୀ ଲକ୍ଷ୍ମୀ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜଜ୍ ଘଟଣାର ପରିପାର୍ଶିକ ସ୍ଥିତିକୁ ଆଧାର କରି ହତ୍ୟା ଅଭିଯୁକ୍ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୨ ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହିତ ମୃତା ମହିଳାଙ୍କ ୭ବର୍ଷର ଝିଅ ନନ୍ଦିନୀ ବେସାହାରା ହୋଇଯାଇଥିବା ବେଳେ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଘଟଣାରୁ ପ୍ରକାଶ, ଜରଡ଼ା ଥାନା ଅନ୍ତର୍ଗତ କେଲୁଆ ଛକରେ ରହୁଥିବା ଲଳିତ ପ୍ରଧାନ ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ।

ସେ ପ୍ରଥମେ ଲକ୍ଷ୍ମୀ ପ୍ରଧାନଙ୍କୁ ପ୍ରେମବିବାହ କରିଥିଲେ। କିଛିବର୍ଷ ପରେ ପୁଣିଥରେ ସଂଯୁକ୍ତା ବେହେରାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ୨୦୨୦ରେ ଲଳିତ ତାଙ୍କ କେଲୁଆ ଘରେ ଉଭୟ ସ୍ତ୍ରୀ'ଙ୍କୁ ମିଳିମିଶି ରହିବ ବୋଲି କହି ହାଇଦ୍ରାବାଦ ଚାଲିଯାଇଥିଲେ। ସଂଯୁକ୍ତାଙ୍କ ସହ ତାଙ୍କର ୪ ବର୍ଷର ଶିଶୁକନ୍ୟା ନନ୍ଦିନୀ ମଧ୍ୟ ରହୁଥିଲେ। ୨୦୨୦ ଅଗଷ୍ଟ ୨ ତାରିଖରେ ସଂଯୁକ୍ତା ଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ମୃତ ମହିଳାଙ୍କ ବାପା କେଶବ ବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ୧୫୮/୨୦ ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଘଟଣାର ଅନୁସନ୍ଧାନ କରି ପୋଲିସ ଉକ୍ତ ଘରେ ରହୁଥିବା ସଂଯୁକ୍ତାଙ୍କ ସଉତୁଣୀ ଲକ୍ଷ୍ମୀ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜବତ ହୋଇଥିବା ଲକ୍ଷ୍ମୀଙ୍କ କପଡାର ରାସାୟନିକ ପରୀକ୍ଷା ପାଇଁ ଆରଏଫଏସଏଲକୁ ପୋଲିସ ପଠାଇଥିଲା। ପରେ ପୋଲିସ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ମାମଲାର ବିଚାର ବେଳେ ୧୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଶୁକ୍ରବାର ରାୟ ପ୍ରକାଶ ବେଳେ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଥିବା ଲକ୍ଷ୍ମୀ ପ୍ରଧାନଙ୍କୁ କଡା ସୁରକ୍ଷାରେ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନ ଓ ହତ୍ୟା ଘଟଣାର ବିଭିନ୍ନ ପରିପାର୍ଶିକ ତଥ୍ୟକୁ ଆଧାର କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡୁ ମାମଲା ପରିଚାଳନା କରୁଥିଲେ।




## ସଂକ୍ଷେପରେ

### ସିଲ୍ ହେଲା କାଜୁ ଫ୍ୟାକ୍ଟ୍ରି

ଛତ୍ରପୁର,୨୦।୧୦(ଦିଲୀପ ସାମଲ)

ବ୍ୟାଙ୍କରୁ ଋଣ ଶୁଝି ନ ଥିବାରୁ ଶୁକ୍ରବାର ସ୍ଥାନୀୟ ବଜରଙ୍ଗ ସାହିରେ ଥିବା ଏକ କାଜୁ ଫ୍ୟାକ୍ଟ୍ରିକୁ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟାଙ୍କ କର୍ତ୍ତୃପକ୍ଷ ଶୁକ୍ରବାର ସିଲ୍ କରିଛନ୍ତି। ପ୍ରକାଶ ଯେ, ସେତେବେଳର ଆନ୍ଧ୍ରବ୍ୟାଙ୍କ ତଥା ବର୍ତ୍ତମାନର ୟୁନିୟନ ବ୍ୟାଙ୍କରୁ ଉକ୍ତ କାଜୁ ଫ୍ୟାକ୍ଟ୍ରି ମାଲିକ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ ନେଇଥିଲେ। ସେ ନିର୍ଦ୍ଧାରିତ ଦିନ ମଧ୍ୟରେ ଋଣ ପରିଶୋଧ କରି ନ ଥିବାରୁ ବ୍ୟାଙ୍କ ପକ୍ଷରୁ ବାରମ୍ବାର ନୋଟିସ୍ ଜାରି କରାଯାଇଥିଲା। ଏହା ସତ୍ତ୍ୱେ ବି ଋଣ ଟଙ୍କା ନ ମିଳିବାରୁ ଫ୍ୟାକ୍ଟ୍ରି ସିଲ୍ କରାଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ଫ୍ୟାକ୍ଟ୍ରି ସିଲ୍ ବେଳେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଛତ୍ରପୁର ଭାରପ୍ରାପ୍ତ ତହସିଲଦାର ସ୍ମୃତି ସୁଦର୍ଶନ ସାହୁ, ଛତ୍ରପୁର ୟୁନିୟନ ବ୍ୟାଙ୍କ-୨ ମୁଖ୍ୟ ଶାଖାର ପରିଚାଳକ ନଳିନୀ ରଞ୍ଜନ ସାହୁ, ଅର୍ଥରାଇଜର ଅଫିସର ଭେଙ୍କଟ ରମଣ, ଆଇନ ଅଧିକାରୀ ଶୁଭେନ୍ଦ୍ର ଚକ୍ରଙ୍କ ସହ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ନୂତନ ଉପଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର,୨୦।୧୦(ଦିଲୀପ ସାମଲ)

ଛତ୍ରପୁର ଉପଜିଲ୍ଲାପାଳ ଭାବେ ଶୁକ୍ରବାର ଦେବବ୍ରତ ମହନ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଆଇଟିଡିଏ ପିଏ ଦାୟିତ୍ୱ ତୁଲାଇ ଆସୁଥିଲେ । ଛତ୍ରପୁର ଉପଜିଲ୍ଲାପାଳ ଦାୟିତ୍ୱ ନେବା ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପୂର୍ବରୁ ଉପ ଜିଲ୍ଲାପାଳ ଦାୟିତ୍ୱରେ ଥିବା ପ୍ରସନ୍ନ କୁମାର ପାତ୍ର ବ୍ରହ୍ମପୁର ସ୍ଥିତ ଆରଆଇସି ଜିଏମ ଭାବେ ବଦଳି ହୋଇଛନ୍ତି।

### ଟ୍ରାକ୍ଟର ଓଲଟି ଡ୍ରାଇଭର ଆହତ

ଛତ୍ରପୁର,୨୦।୧୦(ଦିଲୀପ ସାମଲ)

ଛତ୍ରପୁର ଥାନା ବ୍ୟାଙ୍କ କଲୋନୀ ନିକଟରେ ଗୋଡି ବୋଝେଇ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବାରୁ ଡ୍ରାଇଭର ଆହତ ହୋଇଛନ୍ତି। ଡ୍ରାଇଭର ଜଣକ ହେଲେ ଶଙ୍ଖ ନୂଆଗାଁ ଗ୍ରାମର ମୋହନ ନାୟକ। ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଟ୍ରାକ୍ଟର (ଓଡି୦୭ ଜି ୪୨୪୮)ଟି ଗୋଡି ନେଇ ବ୍ୟାଙ୍କ କଲୋନୀ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା ।

### ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବୁଗୁଡ଼ା,୨୦।୧୦(କାଳିଚରଣ ଦାଶ):

ପିପୁଲ୍ଲି ଡିଗ୍ରୀ କଲେଜ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହେବା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ସନ୍ତୋଷ କୁମାର ଜେନା ଏବଂ ମୁଖ୍ୟବକ୍ତା ଭାବେ କଲେଜ ପରିଚାଳନା କମିଟି ସଭାପତି ରଜନୀକାନ୍ତ ଭଞ୍ଜ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏ ଅବସରରେ ପୂର୍ବରୁ ଆୟୋଜିତ କବାଡି, ବାସ୍କେଟବଲ୍, ଭଲିବଲ୍, ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ଜାଭଲିନ୍ ଥ୍ରୋ, ସଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ, ବକ୍ତୃତା, ନୃତ୍ୟ, ସଙ୍ଗୀତ, କୌତୁକ, କଳା ପ୍ରଦର୍ଶନୀ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସ୍ପୋର୍ଟସ୍ ଆସୋସିଏଶନ ଉପସଭାପତି ସୁଶାନ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଆତ୍ମପ୍ରକାଶ ନାୟକ ସ୍ୱାଗତ ଅଭିଭାଷଣ, ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଅତିଥି ପରିଚୟ ପ୍ରଦାନ ଏବଂ ପିଇଟି କ୍ରିଷ୍ଣା ରାଓ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଷ୍ଟ୍ରବେରି ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତ

## ୩ ସ୍ଥାନରେ ୭୦ହଜାର ଚାରା ରୋପଣ



ଦାରିଙ୍ଗବାଡି,୨୦।୧୦(ଅରୁଣ ସାହୁ):

ଓଡିଶାର କାଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଷ୍ଟ୍ରବେରି ଚାଷ ସଫଳ ହୋଇଛି। ଏହାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ପୁଣି ଏହି ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି। କନ୍ଧମାଳ ଜିଲ୍ଲା ପ୍ରଶାସନର ସହଯୋଗରେ ବ୍ଲକ ପ୍ରଶାସନ ଏବଂ ଉଦ୍ୟାନ ବିଭାଗର ସହଯୋଗରେ ଚଳିତ ଥର ୩ଟି ସ୍ଥାନରେ ୭୦ହଜାର ଷ୍ଟ୍ରବେରି ଚାରା ରୋପଣ କରାଯାଇଛି। ଏଥିପାଇଁ ଗତବର୍ଷ ଏହି ଚାଷ କରାଯାଉଥିବା ସ୍ଥାନରେ ପୁଣି ୧୫ ହଜାର ଚାରା ରୋପଣ କରାଯାଉଛି। ଗତ ବର୍ଷ ସେଠାରେ ୫ ଲକ୍ଷ ଟଙ୍କା ବିନିମୟରେ ୨୦ ହଜାର ଚାରା ରୋପଣ କରି ପ୍ରାୟ ୨୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ରୋଜଗାର କରିପାରିଛନ୍ତି। ତେଣୁ ଚଳିତ ବର୍ଷ ଆହୁରି ଅଧିକା ରୋଜଗାରକ୍ଷମ କରିବା ପାଇଁ ଆହୁରି ଦୁଇଟି ସ୍ଥାନରେ କରାଯାଉଛି। ଶ୍ରାନିକେତା ପଞ୍ଚାୟତର ସୁଲୁମାହା ଗ୍ରାମର ଆଶା ସ୍ୱୟଂ ସହାୟକ ଗୋଷ୍ଠି ଏବଂ ସିଆଙ୍ଗବାଲି ପଞ୍ଚାୟତ ପଞ୍ଚୁପଲି ଗ୍ରାମର ଜୀବନ ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠି ପକ୍ଷରୁ ମୋଟ ୨ ହେକ୍ଟର ଜମିରେ ୫୫ ହଜାର ଚାରା ରୋପଣ କରାଯିବାକୁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି। ଏଥିପାଇଁ ବ୍ଲକ ପ୍ରଶାସନ ଜୋରଦାର ଉଦ୍ୟମ କରୁଥିବା ଓଡିଶା ଜୀବନଜୀବିକା ମିଶନର ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ପିଣ୍ଟୁ ନାୟକ କହିଛନ୍ତି। ଷ୍ଟ୍ରବେରି ଚାଷ ସଫଳ ହୋଇଥିବା ବେଳେ ଏବେ ଡ୍ରାଗନ ଫଳ ଚାଷ କରାଯିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରୟାସ ଆରମ୍ଭ କରିଛି। ଏଥିପାଇଁ ବ୍ଲକ ପ୍ରଶାସନ ଜୋରଦାର କାର୍ଯ୍ୟ କରୁଥିବା ବିଡ଼ିଓ ଗଦାଧର ପାତ୍ର କହିଛନ୍ତି।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ

ଛତ୍ରପୁର,୨୦।୧୦
(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)




ଛତ୍ରପୁରସ୍ଥିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ- ୨୦୨୩' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଶିଶୁମାନଙ୍କ ଭିତରେ ରହିଥିବା ପ୍ରତିଭାକୁ ବିକଶିତ କରିବା ଦିଗରେ ଶିଶୁ ମହୋତ୍ସବ ଏକ ସୁନ୍ଦର ପ୍ରୟାସ ବୋଲି କହିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିଶୁମଙ୍ଗଳ କମିଟିର ସଭ୍ୟ ପ୍ରଣବ ପାଢୀ ଜୁଭେନାଇଲ ଜଷ୍ଟିସ ବୋର୍ଡର ସଭ୍ୟା ଡ଼ା. ଅଳକା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମହୋତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ସଙ୍ଗୀତ, ବକ୍ତୃତା, କୁଇଜ, ଦଳଗତନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ମହକରେ ଅଂଶ ଗ୍ରହଣ କରିବେ। ପ୍ରତିଯୋଗିତା ଶେଷ ହେବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶରତ ଚନ୍ଦ୍ର ମହାରଣା ,ସୁଶାନ୍ତ କୁମାର ସାହୁ, ସୁଦାମ ପାଣିଗ୍ରାହୀ, ଶିବପ୍ରସାଦ ରଥ, ସୁଜିତ କୁମାର ସାହୁ, କାମେଶ୍ୱର ପରିଡା ପ୍ରମୁଖ ପରିଚାଳନା କରିଥିଲେ।

# ଶାରଦୀୟ ପୂଜା ପାଇଁ ଜଳଯାତ୍ରା

ଆସିକା,୨୦।୧୦ (ସୁରେନ୍ଦ୍ର ନାଥ ସାହୁ):

ଆସିକା ସହର ବିଭିନ୍ନ ପୂଜା ମଣ୍ଡପରେ ଶନିବାର ମହାସପ୍ତମୀ ଠାରୁ ଦେବୀଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ ପୂର୍ବକ ପୂଜାର୍ଚ୍ଚନା ଲାଗି ପ୍ରସ୍ତୁତି ଜୋରଦାର ଲାଗିଛି । ବିଭିନ୍ନ ମଣ୍ଡପରେ ତୋରଣ ସାଙ୍ଗକୁ ସାଜସଜ୍ଜା ଓ ଆଲୋକମାଳାରେ ପୂଜା ମଣ୍ଡପ ଝଲସିବା ଲାଗି ଆୟୋଜକଙ୍କ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି । ଏହି ପରିସ୍ଥିତିରେ ଶୁକ୍ରବାର ବିଭିନ୍ନ ପୂଜା ମଣ୍ଡପରୁ ବିଲ୍ୱାଧିବାସ ଓ ଜଳ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା । ଆସିକା କଲେଜ ଛକସ୍ଥିତ ବାଲୁଙ୍କେଶ୍ୱର ବିହାରର ସାମାଜିକ କର୍ମୀ ବଂଶୀଧର ନାହାକଙ୍କ ତତ୍ତ୍ୱାବଧାନରେ ୧୦୮ କଳସ ଯାତ୍ରାରେ ମହିଳା, ପୁରୁଷ ସାମିଲ ହୋଇଥିଲେ । ସେହିଭଳି ଆସିକା ସମବାୟ ଚିନିଶିଳ୍ପ ଓ ଆସିକା ବସଷ୍ଟାଣ୍ଡସ୍ଥିତ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଆୟୋଜିତ ଏହି ପୂଜା ମଣ୍ଡପରେ ମଧ୍ୟ ଅନୁରୂପ ଜଳକଳସ ଯାତ୍ରା କରାଯାଇଥିଲା । ବିଭିନ୍ନ ଦିବସରେ ପୂଜା ମଣ୍ଡପମାନଙ୍କରେ ଦେବୀଙ୍କ ବିଧିବଦ୍ଧ ପୂଜା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ, ସନ୍ଥ ପୂଜନ, ପ୍ରବଚନ ଆଦି କାର୍ଯ୍ୟକ୍ରମ ରହିଥିଲା ବେଳେ ଏହି ପୂଜା ସପ୍ତାହେ ବ୍ୟାପୀ ବିଭିନ୍ନ ମଣ୍ଡପରେ କରିବା ଲାଗି ଆୟୋଜକଙ୍କ ପକ୍ଷରୁ ଖସଡା ପ୍ରସ୍ତୁତ କରାଯାଇଥିବା ଜଣାପଡିଛି।

# କଲେଜସ୍ତରୀୟ ସାଂସ୍କୃତିକ, କ୍ରୀଡ଼ା ପ୍ରତିଭା ଅନ୍ୱେଷଣ

ପାରଳାଖେମୁଣ୍ଡି, ୨୦।୧୦(ଗିରିଧାରୀ ପରିଚ୍ଛା):



ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତିନିଦିନ ବ୍ୟାପୀ ଚାଲିଥିବା ବିଭିନ୍ନ ସାଂସ୍କୃତିକ ତଥା ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଛାତ୍ରୀମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେହିପରି ସ୍ଥାନୀୟ ପୋଲିସ ହୋମ୍‌ଗାର୍ଡ କ୍ରୀଡ଼ା ପଡିଆଠାରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। ୧୦୦ ମିଟର ଓ ୨୦୦ମିଟର ଦୌଡ, ସଟ୍‌ପୁଟ, ଡିସକସ, ଜ୍ୟାବଲିନ ଇତ୍ୟାଦି କ୍ରୀଡା ପ୍ରଦର୍ଶନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ରୀନା ସାହୁ ଉଦଘାଟନ କରିଥିଲେ। ଅଧ୍ୟାପିକା ଡ଼ ଭାରତୀ ପାଣିଗ୍ରାହୀ, ସି. ଏଚ. ନିର୍ମଳା, ଅଧ୍ୟାପକ କେ.ସି.ପଣ୍ଡିତ, ଗ୍ରନ୍ଥାଗାରକ ଏଲ.ଦୁର୍ଯ୍ୟୋଧନ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଅଧ୍ୟାପିକା ବରଦା ଆଚାର୍ଯ୍ୟ, କଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ନଭେମ୍ବର ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ବିଡିଓଙ୍କୁ ବିଦାୟ ସମ୍ବର୍ଦ୍ଧନା

ଫିରିଙ୍ଗିଆ ୨୦।୧୦(ବିକ୍ରମ ଦିଗାଲ):

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଶୁକ୍ରବାର ବିଡ଼ିଓ ରଶ୍ମି ରଞ୍ଜନ ମହନ୍ତଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ୨୪ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାରୀ ସେବକ, ଯୋଗାଣ ସହାୟକ, ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ୨୦୧୯ରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରି ଲୋକଙ୍କ ପ୍ରିୟ ହୋଇପାରିଥିଲେ। ନୂତନ ବିଡ଼ିଓଙ୍କ ସହ ସୁସମ୍ପର୍କ ରଖି ବ୍ଲକ ଉନ୍ନୟନ କାର୍ଯ୍ୟରେ ସହଯୋଗ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

### ଗଙ୍ଗାଦେବୀଙ୍କ ପୀଠରେ ନବରାତ୍ର



ଗଞ୍ଜାମ,୨୦।୧୦(ବିଦ୍ୟାଧର ସାହୁ):

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମ ଋଷିକୁଲ୍ୟା ନଦୀ ପାର୍ଶ୍ୱରେ ମା' ଗଙ୍ଗାଦେବୀଙ୍କ ପୀଠ। ଦଶହରାରେ ଏଠାରେ ମା'ଙ୍କ ଯାତ୍ରା ଅନୁଷ୍ଠିତ ହୁଏ। ଏବେ ନବରାତ୍ର ପୂଜା ଚାଲିଛି। ୯ଦିନ ଧରି ଭକ୍ତଙ୍କୁ ବିଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି ମା'। ସନ୍ଧ୍ୟା ଆଳତି ଦର୍ଶନ ପାଇଁ ବହୁ ଭକ୍ତଙ୍କ ଭିଡ ଜମୁଛି। ଦଶହରାରୁ ଦୁଇ ଦିନ ଗଙ୍ଗାଦେବୀଙ୍କ ପୀଠରେ ଯାତ୍ରା ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ରାମାୟଣ ଓ ନବରଙ୍ଗ ନାଟକ ପରିବେଷଣ ହେବ ବୋଲି ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଯାତ୍ରାଦିନ ମା 'ଘଟରେ ବିରାଜମାନ କରି ଗ୍ରାମ ପରିକ୍ରମା କରିବେ। ପୀଠ ନିକଟବର୍ତ୍ତୀ ଗ୍ରାମ ପୁରୁଣାବନ୍ଧ, ପାଳିବନ୍ଧ, ବିଞ୍ଝଣାପଲି, ଗୋଖରକୁଦା ଆଦି ୧୪ ଖଣ୍ଡ ଗ୍ରାମ ଏହି ଯାତ୍ରା ପରିଚାଳନା କରୁଛନ୍ତି। ବିଶେଷକରି ମତ୍ସ୍ୟଜୀବୀ ସମ୍ପ୍ରଦାୟର ଲୋକମାନେ ମା ଗଙ୍ଗାଦେବୀଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି। ଯାତ୍ରା ପରିଚାଳନା କମିଟି ସଭାପତି ବି ଦୀନବନ୍ଧୁ ରେଡ଼ି, ସମ୍ପାଦକ ତ୍ରିନାଥ ବେହେରା, କେ କୃଷ୍ଣ ଚନ୍ଦ୍ର ମୂର୍ତ୍ତି, ସମ୍ପାରୁ ବେହେରା, ସୁରେନ୍ଦ୍ର ବେହେରା, ଭିକାରି ବେହେରା, ଗୁରା ରେଡିଙ୍କ ସମେତ ଗ୍ରାମବାସୀ ଯାତ୍ରା ପରିଚାଳନା କରୁଛନ୍ତି।

# ଗଣତନ୍ତ୍ର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ




ପାଠଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅତିଥି।

ଭଞ୍ଜନଗର,୨୦।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ଏକ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଉପରେ ଲିଖିତ ସନ୍ଦର୍ଭକୁ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରୀତିପର୍ଣ୍ଣା ବେହେରା ପାଠ କରିଥିଲେ। ତାଙ୍କୁ ବିଭାଗୀୟ ଅଧ୍ୟାପକ ବି. କେ. ପ୍ରଧାନ ସହଯୋଗ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟଅତିଥି ଭାବେ ଯୋଗଦେଇ ସନ୍ଦର୍ଭ ଉନ୍ମୋଚିତ କରିବା ସହ ଗଣତନ୍ତ୍ର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବର୍ତ୍ତମାନ ସମୟରେ ବୈଦ୍ୟୁତିକ ଏବଂ ସାମାଜିକ ଗଣମାଧ୍ୟମ ବୃଦ୍ଧି ପାଇଥିଲେ ମଧ୍ୟ ଛାପା ଗଣମାଧ୍ୟମର ସ୍ଥିତି ଦେଶରେ ବଢିବାରେ ଲାଗିଛି ବୋଲି ସେ କହିଥିଲେ। କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ବୈଠକରେ ସଭାପତିତ୍ୱ କରିଥିଲେ। ଦର୍ଶନଶାସ୍ତ୍ର ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ବିନୋଦ ଚନ୍ଦ୍ର ଦାସ, ପ୍ରାଶାସନିକ ଅଧିକାରୀ ପ୍ରାଧ୍ୟାପିକା ଆରତି ବାଳା ପ୍ରଧାନ, ଶୈକ୍ଷିକ ପରିଷଦର ସମ୍ପାଦକ ପ୍ରାଧ୍ୟାପକ ବିଭାସ ଦାସ, ବିତ୍ତ ଅଧିକାରୀ ଅଧ୍ୟାପକ ସୁନୀଲ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ପାଠ ପଢିଲେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ କିଭଳି ଉଜ୍ଜ୍ୱଳମୟ ହୋଇପାରୁଛି ସେ ସମ୍ପର୍କରେ କହିଥିଲେ। ଅଧ୍ୟାପକ ଡ. ରବିନ୍ଦ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପକ ହରିଶ କୁମାର, ବିଦେଶୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କଳିଙ୍ଗ ମହାବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ଜି.ଉଦୟଗିରି,୨୦।୧୦ (ଶିଶିର ପଟ୍ଟନାୟକ)

ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟ ପରିସରରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସହଯୋଗ ତଥା ସାଂସ୍କୃତିକ ପରିଷଦର ସଦସ୍ୟ ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀ, ଅଧ୍ୟାପକ ମାନସ ରଞ୍ଜନ ରାଉତରାୟ, ଅଧ୍ୟାପିକା ଅନ୍ନପୂର୍ଣ୍ଣା ମଲ୍ଲିକ, ଅଧ୍ୟାପିକା ସରିତା ମିଶ୍ର ଏବଂ କ୍ରୀଡ଼ା ପରିଷଦର ସଦସ୍ୟ ଅଧ୍ୟାପକ ଦ୍ୱିତୀକୃଷ୍ଣ ଖଣ୍ଡୁଆଲ, ଅଧ୍ୟାପକ ମଦନ ମୋହନ ବନଛୋର, କ୍ରୀଡ଼ା ଶିକ୍ଷକ ସରୋଜ କୁମାର ଦାଶ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଅଣ ଶିକ୍ଷକ କର୍ମଚାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ସମବାୟ ସଂଘର ବୈଠକ



ବୈଠକରେ ସଂଘ କର୍ମକର୍ତ୍ତାମାନେ ଯୋଗଦେଇଛନ୍ତି।

ଫୁଲବାଣୀ, ୨୦।୧୦(ରାକେଶ କୁମାର ରାଉତ):

କନ୍ଧମାଳ ଜିଲ୍ଲା ସମବାୟ ସଂଘ ପକ୍ଷରୁ ଏକ ବୈଠକ ବିଭାଗ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମବାୟ ସପ୍ତାହ ପାଳନ ଲାଗି ଆଲୋଚନା ହୋଇଥିଲା। ସଂଘ ସଭାନେତ୍ରୀ ସୁପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସମବାୟ ନିବନ୍ଧକ ଯୁଗଳ କିଶୋର ସାହୁ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମବାୟ ସଂଘ ପରିଚାଳନା ପରିଷଦ ଓ ଲ୍ୟାମ୍ପସର ସଦସ୍ୟମାନଙ୍କୁ ତାଲିମ ପ୍ରଦାନ ଲାଗି ରାଜ୍ୟ ସଂଗଠନକୁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ଏହି ଅବସରରେ ଜିଲ୍ଲା ସମବାୟ ସଂଘର ଉପ ସଭାପତି କିଶୋର ନାୟକ, ବୋର୍ଡ ଅଫ ଡାଇରେକ୍ଟର୍ସ ବୁଦ୍ଧୁ ଦିଗାଲ, ଜମେଶ ମଲିକ, କୃଷ୍ଣଚନ୍ଦ୍ର କହଁର, ଅଭିମନ୍ୟୁ ମଲିକ, ଶତପଥି ପ୍ରଧାନ, ଦ୍ୱିଜେନ୍ଦ୍ର ନାଥ ପ୍ରଧାନ, ସ୍ୱଦେଶ ରଞ୍ଜନ ଦାସ, ଏଆରସିଏସ ଲଳିତ ମାଝୀ, ଏସଏଆରସିଏସ ଗଙ୍ଗାଧର କହଁର, ସମ୍ପାଦିକା ଜ୍ୟୋତିର୍ମୟୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ପ୍ରାଣୀ ବିଜ୍ଞାନ ବିଭାଗରେ ନବାଗତଙ୍କୁ ସ୍ୱାଗତ




ବୁଗୁଡ଼ା,୨୦।୧୦(କାଳି ଚରଣ ଦାଶ)

ପିପୁଲ୍ଲି କଲେଜର ପ୍ରାଣୀ ବିଜ୍ଞାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ନିମନ୍ତେ ଏକ କାର୍ଯ୍ୟକ୍ରମ ବୁଦ୍ଧଖୋଲ ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧ୍ୟାପିକା ପ୍ରତୀକ୍ଷା ସାହୁ, ଅଧ୍ୟାପକ ଅକ୍ଷୟ ସାହୁ ଓ ହିମାଂଶୁ ଶେଖର ରଥ, ଅଧ୍ୟାପିକା ମଧୁସ୍ମିତା ପ୍ରଧାନ, ଡେମୋନଷ୍ଟ୍ରେଟର୍ ରାମକୃଷ୍ଣ ନାୟକ ଓ ଆଇକ୍ୟୁଏସି ସହ-ସଂଯୋଜକ ଆତ୍ମ ପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ନବାଗତମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଗିରିଜା ନନ୍ଦିନୀ ଦାଶ ଅତିଥି ପରିଚୟ ପ୍ରଦାନ, ସେମିନାର ସମ୍ପାଦିକା ତନୁଶ୍ରୀ ପ୍ରଧାନ ବିବରଣୀ ପାଠ କରିଥିଲେ। ସେମିନାର ସହ ସମ୍ପାଦିକା ସ୍ମୃତି ସଂଚୟିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଲବାଣୀକୁ ରେଳ ସଂଯୋଗ ନ ହେଲେ ଆନ୍ଦୋଳନ

ଫୁଲବାଣୀ, ୨୦।୧୦(ରାକେଶ କୁମାର ରାଉତ):



କନ୍ଧମାଳ ଜିଲ୍ଲା ଫୁଲବାଣୀ ଦେଇ ଗୋପାଳପୁର-ସମ୍ବଲପୁର ରେଳପଥ ଯିବାକୁ ଡିପିଆର ପ୍ରସ୍ତୁତ ହୋଇଥିଲା। ହେଲେ ଏବେ ତାହାକୁ ବଦଳାଇ ଦିଆଯାଇଛି । ଏହି ରେଳପଥ ଫୁଲବାଣୀ ନ ଦେଇ ଯାଉଥିବା ମ୍ୟାପ ପ୍ରକାଶ ପାଇଛି, ଯାହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଏହାକୁ ନେଇ ଜିଲ୍ଲା ରେଲୱେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ବୈଠକ ଶୁକ୍ରବାର ଫୁଲବଣୀ ପ୍ରେସ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। କମଳା ପାଣ୍ଡେ ଏଥିରେ ସଭାପତିତ୍ୱ କରିଥିଲେ। ଫୁଲବାଣୀ ଦେଇ ରେଳପଥ ଯିବା ଦାବିରେ ଆସନ୍ତା ମାସ ପ୍ରଥମ ସପ୍ତାହରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ ପ୍ରସ୍ତାବିତ ରେଳ ପ୍ରକଳ୍ପ ନିର୍ମାଣ ପାଇଁ ଜିଲ୍ଲାବାସୀଙ୍କ ପକ୍ଷରୁ ୧୯୭୮ରୁ ଦାବି ହେବା ସହ ଦୁଇ ବର୍ଷ ହେଲା ଅନୁଦାନ ଯୋଗାଇ ଦିଆଯାଇଛି। କିନ୍ତୁ ହଠାତ ଗତ ୬ମାସ ହେବ ରେଲୱେ ୱେବସାଇଟରେ ଗୋପାଳପୁର ସମ୍ବଲପୁର ରେଳପଥ ନିର୍ମାଣରେ ପରିବର୍ତ୍ତନ କରି ଫୁଲବାଣୀ ସହରକୁ ବାଦ ଦିଆଯାଇଛି। ସେଥିପାଇଁ ଜିଲ୍ଲା ରେଲୱେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୈଠକ କରାଯାଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ହେଁ କୋଣସି ଉତ୍ତର ମିଳିନାହିଁ। ବୈଠକରେ ୩୦ଟି ଅନୁଷ୍ଠାନର ପ୍ରତିନିଧି ଉପସ୍ଥିତ ରହି ସେମାନଙ୍କ ମତ ରଖିଥିଲେ। ଅନୁଷ୍ଠିତ ବୈଠକରେ ଆଇନଜୀବୀ ବିଜୟ ମହାନ୍ତି, ବିଜୟ ପଟ୍ଟନାୟକ, ଅଶୋକ କୁମାର ବେହେରା, ବିରଜା ନାହାକ, ଅରୂପ ଜେନା, ନବୀନ କିଶୋର ପଣ୍ଡା, ସୁନିଲ ପଟନାୟକ, ପ୍ରଣବ ମଣ୍ଡଳ, ପ୍ରମୋଦ ସାହୁ, ଅଶୋକ ପଟନାୟକ, ମନୋଜ ଚୌଧୁରୀ, ହୁସେନ ଖାନ, ବଂଶୀଧର ପଣ୍ଡା, ଲଳିତ ପ୍ରଧାନ, ଅଚ୍ୟୁତାନନ୍ଦ ସେଠୀ, ମୋହନ ପ୍ରଧାନ, ଅବନୀ କହଁର, ଶିଶିର ମଲିକ, ବିକାଶ ମହାନ୍ତି, ଅମୀୟ ଦାସ, ସତ୍ୟପ୍ରିୟ ମହାନ୍ତି, ସନ୍ତୋଷ ପାଢୀ, ପ୍ରସନ୍ନ ପଣ୍ଡା, ଜୟସେନ ପରିଡା, ଅଶୋକ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

